# ‘ମଙ୍ଗଳୁ ବିଶ୍ୱାଳଙ୍କ ସାହିତ୍ୟ କାଳଜୟୀ’

ସମ୍ବଲପୁର,୯।୯ (କାର୍ଯ୍ୟାଳୟ): ମଙ୍ଗଳୁ ଚରଣ ବିଶ୍ୱାଳ ଜଣେ ବହୁମୁଖୀ ସାରସ୍ୱତ ସ୍ରଷ୍ଟା ଥିଲେ। ତାଙ୍କ ସାହିତ୍ୟ ସୃଜନ କାଳଜୟୀ। ସେ ଉଭୟ ଓଡ଼ିଆ ଓ ସମ୍ବଲପୁରୀର ଜଣେ ସଚ୍ଚୋଟ ସାହିତ୍ୟ ସାଧକ। ଜଣେ ଅଙ୍ଗୀକାରବଦ୍ଧ ସାହିତ୍ୟ ଶିଳ୍ପୀ ଭାବରେ ନିସ୍ୱାର୍ଥପର ଭାବ ନେଇ ସେ ଯେଉଁ ସାହିତ୍ୟ ସାଧନା କରିଛନ୍ତି ପ୍ରକୃତରେ ତାହା ବିସ୍ମୟକର। ବିଶ୍ୱ ସାହିତ୍ୟର ଆତ୍ମା ସହ ତାଙ୍କ ହୃଦୟ ସଂଯୁକ୍ତ। ଓଡ଼ିଆରେ ଲେଖିଥିବା କବିତା, ଗଳ୍ପ, ପ୍ରବନ୍ଧ, ଜୀବନୀ ଓ ଆତ୍ମଜୀବନରେ ତାଙ୍କ ପ୍ରତିଭାର ଆଲୋକ ଯେପରି ବିଚ୍ଛୁରିତ, ସମ୍ବଲପୁରୀ ଭାଷାରେ ଲେଖିଥିବା ନାଟକ ଓ ଅନ୍ୟ କୃତୀରେ ତାଙ୍କ ପ୍ରାଣର ପରିପ୍ରକାଶ ଅତ୍ୟନ୍ତ ମଧୁମୟ ଓ ସମ୍ବେଦନଶୀଳ। କିନ୍ତୁ ଦୁଃଖର କଥା ମଙ୍ଗଳୁଚରଣ ଓଡ଼ିଆ ସାହିତ୍ୟରେ ଯେତିକି ଚର୍ଚ୍ଚିତ ହେବା କଥା ହୋଇପାରି ନାହାନ୍ତି ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସରକାରୀ ମହିଳା ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଶନିବାର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବିଶିଷ୍ଟ ସାହିତ୍ୟିକ ‘ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ସାହିତ୍ୟ ଆଲୋଚନା’ ଏବଂ କବି ସୌଭାଗ୍ୟବନ୍ତ ମହାରଣାଙ୍କ ସହ ‘କବିସନ୍ଧି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ପ୍ରଥମ ଅଧିବେଶନରେ ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ସମଗ୍ର ସାହିତ୍ୟ ଉପରେ ଚାରିଜଣ ସାହିତ୍ୟିକ ଆଲୋଚନା କରିଥିଲେ। ମଙ୍ଗଳୁ ବିଶ୍ୱାଳଙ୍କ କବିତା ସମ୍ପର୍କରେ ଡଃ ଗୌରୀଦାସ ପ୍ରଧାନ, ଆତ୍ମଜୀବନୀ ସମ୍ପର୍କରେ ଡଃ ଦ୍ୱାରିକାନାଥ ନାୟକ, ପ୍ରବନ୍ଧ ସମ୍ପର୍କରେ ପୁଷ୍ପାଞ୍ଜଳି ରାବଣା ଓ ନାଟକ ସମ୍ପର୍କରେ ଡଃ ଶ୍ୟାମସୁନ୍ଦର ଧର ଆଲୋକପାତ କରିଥିଲେ। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡଃ ମନୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର




## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର

ସହସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଦେଇ ସାହିତ୍ୟ ଏକାଡେମୀର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ମହାବିଦ୍ୟାଳୟର ସହଯୋଗୀତା ସମ୍ପର୍କରେ ସୂଚନା ଦେଇଥିବାବେଳେ ଅଧ୍ୟାପକ ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନେ ବେଦମନ୍ତ୍ର ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣାଙ୍କ ସହ ‘କବିସନ୍ଧି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାମୁଖ୍ୟ ମନୋଜ କୁମାର ପଣ୍ଡା କବିଙ୍କ ପରିଚୟ ପ୍ରଦାନ କରିବାସହ ତାଙ୍କ କବିତା ପାଠ କରିଥିଲେ। କବି ଶ୍ରୀ ମହାରଣା ନିଜ ଜୀବନ ଓ ସୃଜନ ସମ୍ପର୍କରେ ବକ୍ତବ୍ୟ ରଖିବାସହ ସ୍ୱରଚିତ ୩ଟି କବିତା ପାଠ କରିଥିଲେ। କବିଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକା, ଆମନ୍ତ୍ରିତ ଅତିଥି ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ରବିବାର ୧୦ ତାରିଖ ସାହିତ୍ୟ ଏକାଡେମୀ ଓ ରଚନା, ବଲାଙ୍ଗିର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଯୁବ ଲେଖକ ସମ୍ମିଳନୀ ଆୟୋଜିତ ହେବା କାର୍ଯ୍ୟକ୍ରମ ରହିଛି।